VANIK-IAS
Exclusive Coaching for UPSC/OPSC/WBCS

**Date : 10-08-2020**

# OCS (MAIN) TEST SERIES - 2019

**Time : 3 Hours** **Full Mark : 300**

## ODIA

୧ । ନିମ୍ନଲିଖିତ ଯେ କୌଣସି ଗୋଟିଏ ବିଷୟରେ ପ୍ରାୟ ଏକ ହଜାର ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ । (ମାର୍କ– ୧୦୦)

(କ) କରୋନା ମହାମାରୀ ସମୟରେ ଓଡ଼ିଶାର ଅର୍ଥନୀତି ।

(ଖ) ଓଡ଼ିଆଭାଷା ସାହିତ୍ୟର ଉନ୍ନତିପାଇଁ ଦାୟବଦ୍ଧତା ।

(ଗ) ଧର୍ମନିରପେକ୍ଷତା

(ଘ) ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟର ଭୂମିକା ।

(ଙ) ଓଡ଼ିଶାର ହସ୍ତଶିଳ୍ପ

୨ । ନିମ୍ନଲିଖିତ ଯେ କୌଣସି ରୂଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟ ମଧ୍ୟରେ ପ୍ରୟୋଗ କର । (ମାର୍କ– ୧୫)

(କ) ଅକଲ ସଲାମି
(ଖ) ଅହିନକୁଳ ସମ୍ପର୍କ
(ଗ) ମାଛତେଲରେ ମାଛ ଭାଜିବା
(ଘ) ଜିରାରୁ ଶିରା କାଢ଼ିବା
(ଙ) ଋଣକରି ଘିଅ ଖାଇବା
(ଚ) ଲୁହାଜାଣି ପାଣି ଦେବା
(ଛ) ଅଳସୁଆର ବାରବାଟୀ ଚାଷ

୩ । ନିମ୍ନଲିଖିତ ବିଶେଷୋକ୍ତି ଗୁଡ଼ିକରୁ ଯେକୌଣସି ଦୁଇଟି ବିଷୟରେ ଅନ୍ୟୁନ ଏକଶହ ଶବ୍ଦ ମଧ୍ୟରେ ବାଖ୍ୟା କରି ଲେଖ । (ମାର୍କ– ୨୦)

(କ) କଂସାରୀ ଘରର ପାରା
(ଖ) ଝିମିଟି ଖେଳରୁ ମହାଭାରତ
(ଗ) ଏ ଘର ମାଉସୀ ସେ ଘର ପିଉସୀ
(ଘ) ଘରବୁଡ଼ି ପାଣି ଆଣ୍ଠୁଏ
(ଙ) ଗୋଦରା କୋଡ଼େ ଯେତେ ମାଡ଼େ ସେତେ

୪ । ଯେକୌଣସି ପାଂଚଗୋଟିକୁ ଏକପଦରେ ପ୍ରକାଶକରି ବାକ୍ୟ ଗଠନ କର ? (ମାର୍କ– ୧୫)

(କ) ଯାହା କରିବାର ଉଚିତ
(ଖ) ଶତ୍ରୁକୁ ବଧ କରିଛି ଯେ
(ଗ) ଗ୍ରହଣକରେ ଯେ
(ଘ) ଯାହା ଦେଖା ଯାଉଛି
(ଙ) ଜାଣିବାର ଇଚ୍ଛା
(ଚ) ଅତିଶୟ ଭାବରେ ଦୀପ୍ତ ହେଉଥିବା
(ଛ) ଶାସ୍ତ୍ର ଜାଣନ୍ତି ଯେ

୫ । ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରୁ ପାଂଚଗୋଟିର ଅର୍ଥଲେଖି ବାକ୍ୟରେ ବ୍ୟବହାର କର । (ମାର୍କ – ୧୦)

(କ) ଘଟଣ – ଘଟନ (ଖ) ଅଳିକ – ଅଳୀକ

(ଗ) ଆଭାଷ – ଆଭାସ (ଘ) ଈଶ – ଈଷ

(ଙ) ସୁଧ – ଶୁଦ୍ଧ (ଚ) ଅର୍ଘ – ଅର୍ଘ୍ୟ

(ଛ) ଗିରିଶ – ଗିରୀଶ

୬ । ନିମ୍ନଲିଖିତ ଯେକୌଣସି ପାଂଚଗୋଟି ଶବ୍ଦର ବିପରୀତଅର୍ଥ ଲେଖି ବାକ୍ୟ ଗଠନ କର ? (ମାର୍କ – ୧୦)

(କ) ଅର୍ପଣ (ଖ) ଅନୁରକ୍ତ (ଗ) ଉପଦେଶ (ଘ) କଠିନ

(ଙ) ସମ୍ମତି (ଚ) ସୁଗମ (ଛ) ବିଦିତ

୭ । ନିମ୍ନଲିଖିତ ଯେକୌଣସି ପାଂଚଗୋଟିର ଶୁଦ୍ଧରୂପ ଲେଖି ବାକ୍ୟରେ ପ୍ରୟୋଗ କର ? (ମାର୍କ – ୧୦)

(କ) ଅନାଥିନୀ (ଖ) ଜେଷ୍ଠ (ଗ) ଅଧର୍ଯ୍ୟ (ଘ) ନିର୍ଭିକ

(ଙ) ଭାଷ୍କର (ଚ) ସକ୍ଷମ (ଛ) ପାଟବତା

୮ । ନିମ୍ନଲିଖିତ ପାଂଚଗୋଟିର ବାକ୍ୟଗଠନ କର ? (ମାର୍କ – ୧୦)

(କ) ଖିଲିଖିଲି (ଖ) ଲଣ୍ଡଭଣ୍ଡ (ଗ) ଜୀବନମରଣ (ଘ) ଠଣଠଣ

(ଙ) କୁହାକୁହି (ଚ) ପିଠାପଣା (ଛ) ଅସ୍ୱଶସ୍ୱ

୯ । ନିମ୍ନଲିଖିତ ବ୍ୟାସ ବାକ୍ୟକୁ ସମାସ କରି ଯେକୌଣସି ପାଂଚଗୋଟିର 'ସମସ୍ତ ପଦ' ଲେଖି ବାକ୍ୟରେ ପ୍ରୟୋଗ କର ? (ମାର୍କ – ୧୦)

(କ) ନରଅଟେ ଅଧମ (ଖ) କାମନା ରୂପକ ଅଗ୍ନି

(ଗ) ବାଡ଼ିରେ ବାଡ଼ିରେ ପରସ୍ପରର ଯେଉଁ ଯୁଦ୍ଧ (ଘ) ଚକ୍ଷୁର ସଦୃଶ

(ଙ) ପଶ୍ଚାତ୍ତାପ (ଚ) ମନକୁ ଛୁଆଁ

(ଛ) ଚନ୍ଦ୍ରର ଅର୍ଦ୍ଧ

୧୦ । ନିମ୍ନଲିଖିତ ଯେକୌଣସି ପାଂଚଗୋଟିର ପ୍ରତିଶବ୍ଦ ଲେଖି ବାକ୍ୟଗଠନ କର ? (ମାର୍କ – ୧୦)

(କ) ଧନୁ (ଖ) ସିଂହ (ଗ) ବିଜୁଳି (ଘ) ମେଘ

(ଙ) ବନଜ (ଚ) ଅଗ୍ନି (ଛ) ଭ୍ରମର

୧୧ । ନିମ୍ନ ପରିଚ୍ଛେଦର ସାରାଂଶ ଦୁଇଶହ ଶବ୍ଦ ମଧ୍ୟରେ ନିଜ ଭାଷାରେ ଲେଖ ଏବଂ ଲେଖା ଶେଷରେ ଏଥିରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର ? (ମାର୍କ – ୪୦)

ମନୁଷ୍ୟ ଜୀବନ ଧାରଣର ସର୍ବପ୍ରଧାନ ମୌଳିକ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏହି ଆବଶ୍ୟକତାକୁ ପୂରଣ କରିଥାଏ କୃଷି । ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ । ଗ୍ରାମାଂଚଳ ନିବାସୀ ଶତକଡ଼ା ୯୦ ଭାଗ ଲୋକମାନଙ୍କର ପ୍ରଧାନ ଜୀବିକା କୃଷି । ଏଣୁ ଯଥାର୍ଥରେ କୃଷିକୁ ଓଡ଼ିଶା ତଥା ଭାରତର ଅର୍ଥନୀତିର ମେରୁଦଣ୍ଡ ରୂପେ ପରିଗଣିତ କରାଯାଇଥାଏ ।

ଓଡ଼ିଶାର ଭୌଗୋଳିକ ବିବିଧତା କୃଷିକ୍ଷେତ୍ରରେ ସୃଷ୍ଟି କରିଛି ବୈଚିତ୍ର୍ୟ । ଉପକୂଳ ଓଡ଼ିଶାର ମୃତ୍ତିକା ନଦୀମାନଙ୍କ ଦ୍ୱାରା ବାହିତ ପଟୁମାଟିରେ ପରିପୂର୍ଣ୍ଣ ହୋଇ ଅଧିକ ଅମଳକ୍ଷମ ହୋଇପାରିଛି । ଏହା ବ୍ୟତୀତ ଏହି ଅଂଚଳରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ରହିଛି । ଏଣୁ ଏଠାରେ ଧାନ, ମୁଗ, ବିରି, କୋଳଥ ତଥା ବିବିଧ ପନିପରିବା ଆଦି ଚାଷ କରାଯାଏ । ପାର୍ବତ୍ୟାଂଚଳର ଜମି ଅନୁର୍ବର ଓ ଜଳସେଚନ ସୁବିଧା ରହିତ । ଏଣୁ ଏଠାରେ ସାଧାରଣତଃ ଗହମ, ବାଜରା, ମକା, ଡାଲି, ଚିନାବାଦାମ ଆଦି ଚାଷ କରାଯାଏ । କେତେକ ସ୍ଥାନରେ ସୋପାନ ଓ ରୋପଣ କୃଷି ପ୍ରଣାଳୀ ଦ୍ୱାରା ଧାନ ଓ ପନିପରିବା ଆଦି ଚାଷ କରାଯାଏ ।

ଓଡ଼ିଶାର କୃଷି ଓ କୃଷକର ଜୀବନଚର୍ଯ୍ୟା ଶିକ୍ଷଣୀୟ ଅଟେ । ବର୍ଷତମାମ ଓଡ଼ିଶାର କୃଷକ କୃଷିକ୍ଷେତ୍ର ସହିତ ଯୁଝି ଫସଲ ଅମଳ କରିଥାଏ । ବୈଶାଖ ମାସର ନିଦାଘ ଖରା ହେଉ କି ବର୍ଷାର ସଙ୍ଗୀତ ହେଉ କି ଶୀତର ପ୍ରକମ୍ପ ହେଉ ସବୁଥିରେ ଓଡ଼ିଶାର କୃଷକ ସତତ ଜାଗ୍ରତ ହୋଇ ତା'ର କାର୍ଯ୍ୟନିର୍ବାହ କରିଥାଏ । ଧରିତ୍ରୀରୁ ଫସଲ ଅମଳ କରି ସେ ଲୋକମାନଙ୍କୁ ଖାଦ୍ୟ ଯୋଗାଇଥାଏ ।

ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ିପରି ପ୍ରାକୃତିକ ଦୁର୍ବିପାକ ଭାଙ୍ଗିଦିଏ ତା'ର ସ୍ୱପ୍ନ ଏବଂ କୃଷକର ଜୀବନ ହୋଇଯାଏ ଦୁର୍ବିସହ । ପାରମ୍ପରିକ କୃଷିକାର୍ଯ୍ୟ କରିବାଦ୍ୱାରା କୃଷକ ଆର୍ଥିକ ଅନଟନର ଚକ୍ରବ୍ୟୁହରେ ନିୟତ ନିର୍ଯ୍ୟାତିତ ହୋଇ ହରାଇ ବସେ ସାମାଜିକ ସମ୍ମାନ ଓ ପ୍ରତିଷ୍ଠା । ହଡ଼ା ବଳଦ, ଲଙ୍ଗଳ, ଜୁଆଳି, ଖତ ଓ ଇନ୍ଦ୍ରଦେବଙ୍କ ଦତ୍ତ ବୃଷ୍ଟିଜଳ ଉପରେ ନିର୍ଭର କରୁଥିଲା କୃଷକର କୃଷି, ତା'ର ଭାଗ୍ୟ ଓ ଭବିତବ୍ୟ । ସାହୁକାର ଓ ଜମିଦାରମାନଙ୍କ ଶୋଷଣରେ କୃଷକ ହୁଏ ନିଃଶେଷିତ । ମାତ୍ର ସ୍ୱଳ୍ପ ଜନସଂଖ୍ୟା ଯୋଗୁଁ କୌଣସି ମତେ ପ୍ରତିକୂଳ ପରିସ୍ଥିତିରେ ସେ ତିଷ୍ଠି ଯାଉଥିଲା ।

ଅଧୁନା 'ସବୁଜ ବିପ୍ଳବ' ଓ ପଂଚବାର୍ଷିକ ଯୋଜନା ମାଧ୍ୟମରେ କୃଷିକୁ ଅଗ୍ରାଧିକାର ଦିଆଯାଉଛି । ପ୍ରାଚୀନ କୃଷି ପଦ୍ଧତିରେ ସଂସ୍କାର ଅଣାଯାଇ ଉନ୍ନତ ଓ ବୈଜ୍ଞାନିକ କୃଷି ପ୍ରଣାଳୀ, ରାସାୟନିକ ସାର କୀଟନାଶକ ଔଷଧ, ଅମଳକ୍ଷମ ବିହନ ଆଦି ଉଦ୍ଭାବିତ ହୋଇଛି । କୃଷି କ୍ଷେତକୁ ଜଳଯୋଗାଣ ପାଇଁ କ୍ଷୁଦ୍ର, ମଧ୍ୟମ ଓ ଉଠାଜଳସେଚନର ବ୍ୟବସ୍ଥା କରାଯାଉଛି । କୃଷିକୁ ଶିଳ୍ପର ମର୍ଯ୍ୟାଦା ଦିଆଯାଇ ପଂଚାୟତ ଓ ଜିଲ୍ଲାସ୍ତରରେ ଉନ୍ନତ କୃଷି ପ୍ରଣାଳୀ ସମ୍ବନ୍ଧରେ କୃଷକମାନଙ୍କୁ ଆବଶ୍ୟକ ତାଲିମ ଦିଆଯାଉଛି । ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ ନିମନ୍ତେ କୃଷି ବିଭାଗ ତରଫରୁ 'ଟୋଲଫ୍ରି ନମ୍ବର'ରେ ଯୋଗାଯୋଗ କରାଯିବାକୁ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଘରେ ବସି ମଧ୍ୟ କୃଷକ କୃଷି ବିଶେଷଜ୍ଞମାନଙ୍କଠାରୁ ସାହାଯ୍ୟ ଲାଭ କରିପାରୁଛନ୍ତି । କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ କୃଷି ଉପକରଣ ତଥା ବିହନ ଓ ସାର ଯୋଗାଇ ଦିଆଯାଉଛି । କୃଷିକାର୍ଯ୍ୟର ଉପଯୁକ୍ତ ପରିଚଳନା ନିମନ୍ତେ ସମବାୟ ବ୍ୟାଙ୍କ ଜରିଆରେ କମ୍ ସୁଧ ହାରରେ ଋଣ ଯୋଗାଇ ଦିଆଯାଉଛି । କୃଷି ସହିତ ପଶୁପାଳନ, ମତ୍ସ୍ୟପାଳନ ଓ କୁକୁଡ଼ା ପାଳନ ଆଦି ସଂଯୋଗ କରାଯାଇ ସଘନ କୃଷି କରିବା ପାଇଁ ଉତ୍ସାହିତ କରାଯାଉଛି । ଉତ୍ପାଦନର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯିବାସହ ଉତ୍ପାଦିତ ଦ୍ରବ୍ୟର ସଂରକ୍ଷଣ ଓ ବିକ୍ରୟ ନିମନ୍ତେ ବଜାର ସୃଷ୍ଟି କରାଯାଇପାରିଲେ କୃଷକମାନେ କୃଷିକୁ ବୃତ୍ତିରୂପେ ଗ୍ରହଣ କରି ଲାଭବାନ ହୋଇପାରିବେ । ରାଜ୍ୟ ଓ ଦେଶର କୃଷିର ଉନ୍ନତି ନିମନ୍ତେ ଏବେ ମଧ୍ୟ କୃଷି ବୈଜ୍ଞାନିକମାନେ ଉଦ୍ୟମଶୀଳ ।

କୃଷି ସଭ୍ୟତାର ମାନକ, ଧାରକ ଓ ବାହକ । କୃଷକ ସ୍ୱୀୟ ଜୀବନକୁ ଜଗତର କଲ୍ୟାଣ ପାଇଁ ପ୍ରଦୀପପରି ଜାଳିଥାଏ । ଏଣୁ କୃଷକର ଜୀବନଧାରାର ଉନ୍ନତି ଓ ଉତ୍ସାହରେ ଜାତିର ଗର୍ବ ଓ ଗୌରବ ବୃଦ୍ଧି ସମ୍ଭବପର । ସବୁସତ୍ତ୍ୱେ କୃଷକକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ପ୍ରାଧାନ୍ୟ ଦେବା ବାଂଛନୀୟ । ଏହାଦ୍ୱାରା ସ୍ୱାଧୀନୋତ୍ତର ଭାରତର ପ୍ରଗତି ଗତିଶୀଳ, ଚଳଚଂଚଳ ଓ ତ୍ୱରାନ୍ୱିତ ହେବ ଏବଂ ସାର୍ଥକ ହେବ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବାଣୀ - **'ଜୟ ଜବାନ – ଜୟ କିଷାନ'** ।

୧୨। ନିମ୍ନ ପରିଚ୍ଛେଦକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ? (ମାର୍କ– ୨୦)

ବିଜ୍ଞାନ ମାନବ ସଭ୍ୟତାର ଏକ ଅନବଦ୍ୟ ସୃଷ୍ଟି । ମାନବ ସଭ୍ୟତାର କ୍ରମୋନ୍ନତି ସହିତ ଯୋଡ଼ି ହୋଇଯାଇଛି ବିଜ୍ଞାନର ଇତିହାସ ଏବଂ ତା'ର ବିଜୟଦୀପ୍ତ କାହାଣୀ । ନାଗଲୋକଠାରୁ ସ୍ୱର୍ଗଲୋକ ଓ ଭୂଲୋକଠାରୁ ଦ୍ୟୁଲୋକ ପର୍ଯ୍ୟନ୍ତ ସର୍ବତ୍ର ବିଜ୍ଞାନର ଅବାଧ ପ୍ରବେଶ । ନୀଳ ଆକାଶର ନିଃସୀମ ନୀଳିମାରେ ସେ ଆଜି ହଜିଯାଇ ପାରୁଛି ମୁକ୍ତ ବିହଗ ପରି । ବନ୍ଧ୍ୟା ଧରଣୀରେ ସେ ସୃଷ୍ଟି କରିଛି ସବୁଜ ଶସ୍ୟର ମାୟା । ଅତଳ ଜଳ ମଧ୍ୟରେ ବୁଡ଼ି ସେ କରୁଛି ମୁକ୍ତାର ସନ୍ଧାନ । ଅନନ୍ତ ମହାକାଶର ବକ୍ଷ ରକେଟ୍ ଦ୍ୱାରା ଭେଦକରି ମନୁଷ୍ୟ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ସନ୍ଧାନ କରୁଛି ବାସଭୂମି । ଜହ୍ନ ରାଇଜରେ ବସତି ସ୍ଥାପନ କରିବାର ସ୍ୱପ୍ନ ତା'ର ସାର୍ଥକ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ପାତାଳପୁରର ବନ୍ଦିନୀ ଧାତୁମାନଙ୍କୁ ସେ ଆଲୋକକୁ ଆଣିଛି । ଦୂରତ୍ୱ ଆଜି ସଙ୍କୁଚିତ । ପୃଥିବୀର ଗୋଟିଏ ପାର୍ଶ୍ୱରେ ମଧ୍ୟାହ୍ନ ଭୋଜନ କରି ବିଜ୍ଞାନୀମାନବ ଅପର ପାର୍ଶ୍ୱରେ କରୁଛି ରାତ୍ରଭୋଜନ ।

ସମାଜର ପ୍ରଗତି ଅଶ୍ୱକୁ ବିଜ୍ଞାନ କରିଛି ବେଗବାନ୍ । ସମାଜର ପ୍ରତିଟି ସ୍ତରରେ ଏହାର ମଙ୍ଗଳ ତୂଣ୍ଡର ଆଶୀର୍ବାଣୀ । ବିଜ୍ଞାନ ଯଥାର୍ଥରେ ମାନବ ପାଇଁ ସାଜିଛି ଉତ୍ତାନପାଦ । ମାନବର ନିତ୍ୟନିୟତ ଜୀବନ ଧାରଣ କ୍ଷେତ୍ରରେ ବିଜ୍ଞାନର ରହିଛି ଅସାମାନ୍ୟ ଅବଦାନ । ବିଜ୍ଞାନର ଆଶୀର୍ବାଦ ଲାଭକରି ଶିକ୍ଷା ଓ ପ୍ରକାଶନ କ୍ଷେତ୍ରରେ ଆସିଛି ଆଶ୍ଚର୍ଯ୍ୟ ପରିବର୍ତ୍ତନ । ଶୈକ୍ଷିକ ଓ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ

ଆଣିଦେଇଛି ଚମତ୍କାରିତା । ପରୀକ୍ଷା ପରିଚାଳନା, ମୂଲ୍ୟାୟନ, ପରୀକ୍ଷା ଫଳ ପ୍ରକାଶନ କରିବରେ ବିଜ୍ଞାନର ଯେପରି ଅବଦାନ ରହିଛି, ସେହିପରି ହଜାର ହଜାର କି.ମି. ଦୂରରେ ଥିବା ଅଭିଜ୍ଞ ଓ ବିଶେଷଜ୍ଞ ଶିକ୍ଷକମାନଙ୍କଠାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିବା ସହିତ ଭିଡ଼ିଓ କନ୍‌ଫରେନ୍‌ସ ଜରିଆରେ ପ୍ରଶ୍ନ ପଚାରି ନିଜର ସନ୍ଦେହମୋଚନ କରିପାରୁଛନ୍ତି । ସେହିପରି ନିରାପଦ ସ୍ୱାସ୍ଥ୍ୟସେବା ଯୋଗାଇ ବିଜ୍ଞାନ ଯକ୍ଷ୍ମା, କୁଷ୍ଠ, ବସନ୍ତ, ମହାମାରୀ, କର୍କଟ, ରକ୍ତଚାପ ଓ ମଧୁମେହ ପରି ପ୍ରାଣଘାତୀ ରୋଗର ପ୍ରତିବିଧାନ କରିବା ସହିତ ଏଡ଼ସ୍, ଚିକେନ୍‌ଗୁନିଆ ଓ ସ୍ୱାଇନ୍–ଫ୍ଲୁ ପରି ମାରାତ୍ମକ ରୋଗରୁ ରକ୍ଷା ପାଇବା ନିମନ୍ତେ ଜନସଚେତନତା ସୃଷ୍ଟି କରିପାରିଛି । ଗମନାଗମନ ଓ ପରିବହନ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆଣିବାରେ ବିଜ୍ଞାନର ଅବଦାନ ସର୍ବଜନ ସ୍ୱୀକୃତ । ରେଳଗାଡ଼ି, ଉଡ଼ାଜାହାଜ, ଟେଲିଫୋନ, ମୋବାଇଲ, ରେଡ଼ିଓ, ଟେଲିଭିଜନ, ଇ–ମେଲ ଓ ଇଂଟରନେଟ୍ ମାଧମରେ ଦୂରତ୍ୱର ସଂଜ୍ଞା ବଦଳିଯାଇଛି । କୃଷି ଓ କୃଷକମାନଙ୍କ ପାଇଁ ବିଜ୍ଞାନ ବରଦାନ ତୁଲ୍ୟ କାର୍ଯ୍ୟ କରୁଛି । ଏହା ମାନବ ପାଇଁ ଏକ କ୍ଷୁଧାବିମୁକ୍ତ ପୃଥିବୀକୁ ଉପହାର ଦେଇଛି । ଉନ୍ନତ ମାନର କୃଷି ଯନ୍ତ୍ରାଂଶ, ରାସାୟନିକ ସାର ଓ କୀଟନାଶକ ଔଷଧର ପ୍ରୟୋଗ ଦ୍ୱାରା ବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ନିମନ୍ତେ ଆବଶ୍ୟକ ଖାଦ୍ୟାଭାବକୁ ଦୂର କରାଯାଇପାରୁଛି । ଉଷ୍ଣ ମରୁରେ ଭରିଦେଇଛି ଶସ୍ୟର ସବୁଜିମା– ଅକ୍ଷୟପାତ୍ରର ଅନୁକଣିକା । ଶିଳ୍ପାୟନ କ୍ଷେତ୍ରରେ ବିଜ୍ଞାନର ଦାନ ଅବର୍ଣ୍ଣନୀୟ । ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଦ୍ୱାରା ଦେଶରେ ସର୍ବତ୍ର କଳକାରଖାନା ଗଢ଼ିଉଠିଛି । ଅସଂଖ୍ୟ ବୈଦ୍ୟୁତିକ ଯନ୍ତ୍ରପାତିର ଉଦ୍ଭାବନ ଦ୍ୱାରା ମାନବ ଜୀବନଯାତ୍ରା ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ହୋଇଛି । ପୁନଶ୍ଚ ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ରକ୍ଷା କରିବା କ୍ଷେତ୍ରରେ ବିଜ୍ଞାନ ଅଗ୍ରଣୀ ଭୂମିକା ନିର୍ବାହ କରିପାରୁଛି । ଯେଉଁ ବିଜ୍ଞାନ ମନୁଷ୍ୟ ସମ୍ମୁଖରେ ସତ୍ୟ–ଶିବ–ସୁନ୍ଦରର ଏକ ମଧୁମୟ ପଥ ଉନ୍ମୋଚନ କରିଛି, ତାହା ପୁନଶ୍ଚ ଧ୍ୱଂସର କାରଣ ହୋଇଛି । ହିରୋସୀମା ଓ ନାଗାସାକିର ଧ୍ୱଂସସ୍ତୁପ ମଧ୍ୟରୁ ଲକ୍ଷଲକ୍ଷ ନିରୀହ ନରନାରୀଙ୍କ ଆତ୍ମା ଯୁଗଯୁଗ ଧରି ବିଜ୍ଞାନକୁ ଅଭିସଂପାତ ବର୍ଷଣ କରିଚାଲିଛି । ପରମାଣୁ ପରୀକ୍ଷା ନିରୀକ୍ଷା ହେତୁ ପ୍ରାକୃତିକ ନିୟମରେ ବ୍ୟତିକ୍ରମ, ଋତୁଚକ୍ରରେ ଅନିୟମିତତା, ପାଣିପାଗ ଓ ଜଳବାୟୁରେ ଅସ୍ଥିରତା, ବିଶ୍ୱ ଉତ୍ତପ୍ତିକରଣ ଓ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । ଏଥିପାଇଁ ବାୟୁମଣ୍ଡଳରେ ଓଜୋନ ସ୍ତରରେ ଛିଦ୍ର, ସବୁଜ ଗୃହ ପ୍ରବାହ ଆଦି ଭୟଙ୍କର ବିପଦକୁ ଆଗାମୀ ବଂଶଧରମାନେ ସାମ୍ନା କରିବେ ।

ଅସୀମ ଶକ୍ତିମୟ ଏହି ବିଜ୍ଞାନ ଏକ କର୍ମଦକ୍ଷ ବିଶ୍ୱସ୍ତ ଭୃତ୍ୟ ମାତ୍ର । ମାତ୍ର ପରିସ୍ଥିତି କ୍ରମେ ସେ ହୋଇଯାଏ ସ୍ୱେଚ୍ଛାଚାରୀ ମୁନିବ । ଏ ସଂପର୍କରେ ଜଣେ ବିଜ୍ଞାନୀଙ୍କ ମନ୍ତବ୍ୟ ହେଉଛି "Science is a good servant, but a bad master." ତେଣୁ ସମଗ୍ର ମାନବ ଜାତି ବିଜ୍ଞାନର ଦାସତ୍ୱ ବରଣ ନକରି ବିଜ୍ଞାନର ମାଲିକ ହେବା ଉଚିତ । ଯଥାର୍ଥରେ ବିଜ୍ଞାନର ସଦୁପଯୋଗ ଧରାବକ୍ଷରେ ଅଚିନ୍ତନୀୟ ଐଶ୍ୱର୍ଯ୍ୟ ସୃଷ୍ଟି କରିପାରିଛି । ଏହାର ଯଥାର୍ଥ ବିନିଯୋଗ ମାନବ ସଭ୍ୟତାର ଚରମ ଉତ୍କର୍ଷ ଯେପରି ସାଧନ କରିଥାଏ, ସେହିପରି ତାହାର ଦୁରୁପଯୋଗ କରିବା ମାନବର ଏକାନ୍ତ ଅବିମୃଶ୍ୟକାରିତାର ପରିଚାୟକ । ବିଜ୍ଞାନ ବିଧାତାଙ୍କର ବରଦାନ ହେଲେ ମଧ୍ୟ ଏହା ମାନବ ଦ୍ୱାରା ସୃଷ୍ଟ ଓ ବ୍ୟବହୃତ । ଏଣୁ ଏହାର ବ୍ୟବହାର ଧ୍ୱଂସାଭିମୁଖୀ ନହୋଇ ସୃଜନଶୀଳ ସୃଷ୍ଟି ପାଇଁ ବିନିଯୋଗ ହେବା ବିଧେୟ । ଅନ୍ୟଥା ଏହାର ଅପପ୍ରୟୋଗ ଫଳରେ ଜୀବଗ୍ରହ ପୃଥିବୀ ଜୀବଶୂନ୍ୟରେ ପରିଣତ ହେବାକୁ ସମୟ ଲାଗିବ ନାହିଁ ।

(କ) ବିଜ୍ଞାନ ବିଶ୍ୱବ୍ରହ୍ମାଣ୍ଡରେ କି ପ୍ରକାର ପରିବର୍ତ୍ତନ ଆଣିଛି ?

(ଖ) ବିଜ୍ଞାନ କିପରି ଜାଗତିକ ଦୂରତ୍ୱକୁ ସଙ୍କୁଚିତ କରିପାରିଛି ?

(ଗ) ଶିକ୍ଷା କ୍ଷେତ୍ରରେ ବିଜ୍ଞାନସମ୍ଭୂତ ପରିବର୍ତ୍ତନଗୁଡ଼ିକ ଉଲ୍ଲେଖ କର ?

(ଘ) ବିଜ୍ଞାନ କିପରି ଏକ କ୍ଷୁଧାବିମୁକ୍ତ ପୃଥିବୀର ଉପହାର ଦେଉଛି ସୂଚାଅ ?

(ଙ) ''ବିଜ୍ଞାନ ଏକ ବିଶ୍ୱସ୍ତ ଭୃତ୍ୟ କିନ୍ତୁ ଏହା ସ୍ୱେଚ୍ଛାଚାରୀ ମୁନୀବ'' ବାଖ୍ୟା କର ?

୧୩ । ନିମ୍ନଲିଖିତ ଇଂରାଜୀ କୁ ଓଡ଼ିଆରେ ଅନୁବାଦ କର: (ମାର୍କ–୩୦)

The dowry system is a great curse to the nation. It respects man's superiority over woman. It scorns the idea that men and women are equal. It has reduced the social status of women. The Dowry Prohibition Act passed in 1961 has not made any difference. Law has proved to be a failure. The dowry system is like a cancer which can destroy the very fabric of our society.

The dowry system is as old as the institution of marriage. In ancient times, the parents used to give gifts to their daughter at the time of marriage. These gifts were token of love and affection. The Indian king gave part of their kingdom to their daughters as dowry with other gifts like Jewellery, elephants etc. The king always tried to invade other kingdoms to prove superiority. But a father never invaded daughter's home. Some kings considered birth of princess as a burden. They resorted to female infanticide. Female infanticide is another social evil interrelated to the system of dowry.

In the era where science, technology and industry have made rapid progress and mankind more civilized, dowry has become a part and parcel of marriage. When dowry becomes a precondition of marriage, the couple can never lead a happy life. Such marriages are bound to end in tensions.

Now-a-days several women organizations have come forward to check this evil. The government has made stringent provisions against dowry, Besides this, awareness and education will help to curb this evil practice. The young women themselves should come forward and take a lead in the movement against dowry. The groom should come forward to bring a social change in this sector. The media, both print and electronic should contribute to make people aware about negative effects of dowry.

❑❑❑